# ଭୋଟ ବର୍ଜନ କଲେ ଅଞ୍ଚଳବାସୀ

**ମୋହନା, ୧୩।୫(ମନ୍ମଥ ମିଶ୍ର):**

ସାଧାରଣ ନିର୍ବାଚନ ପାଇଁ ସୋମବାର ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଛି। ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ୨୯୭ଟି ଭୋଟ କେନ୍ଦ୍ରରେ ଲୋକେ ନିଜର ବହୁ ମୂଲ୍ୟ ମତ ସାବ୍ୟସ୍ତ କରିଛନ୍ତି। କିନ୍ତୁ ମୋହନା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କେନ୍ଦୁପଦା ଗ୍ରାମର ଉଜିଗିଜି ୪୦ ନମ୍ବର୍ ବୁଥରେ ଅଞ୍ଚଳବାସୀ ଭୋଟ ବର୍ଜନ କରିଛନ୍ତି। ଗାଁ ରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଭୋଟର୍ ରହିଥିବା ବେଳେ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଗାଁରେ ନେଟୱାର୍କ ଓ ପାନୀୟ ଜଳ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି।




କିନ୍ତୁ କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିପରି ମୋହନା ବ୍ଲକ୍ ମଲାସପଦର ପଞ୍ଚାୟତ ଜାମଲିଂ ଗାଁ ରେ ଥିବା ୨୧ ନମ୍ବର ବୁଥରେ ୬ ଖଣ୍ଡ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ବୁଥ ଖାଁ ଖାଁ ପଡ଼ିଥିଲା। ସକାଳ ସମୟରେ ମାତ୍ର ୨୬ ଜଣ ଭୋଟ ଦେଇଛନ୍ତି। ପରେ ସମୂହ ଭୋଟ ବର୍ଜନ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଗାଁ ମୁହଁରେ ଭୋଟ ବର୍ଜନ ପୋଷ୍ଟର ଲଗାଇ ବୁଥ କେନ୍ଦ୍ର ନିକଟରେ ଭୋଟ ବର୍ଜନ କରି ଡ଼ହ ଡହ ଖରାରେ ବସିଥିଲେ ମହିଳା ଓ ପୁରୁଷ। ୬ ଖଣ୍ଡ ଗାଁକୁ ରାସ୍ତା ନାହିଁ କି ପିଇବା ପାଣି ନାହିଁ, ଅଞ୍ଚଳରେ ନେଟୱାର୍କ ନାହିଁ, ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ। ସମସ୍ୟା ନେଇ ଆଗରୁ ଅଞ୍ଚଳବାସୀ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସିଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇନାହିଁ। ଫଳରେ ବାଧ ହୋଇ ସୋମବାର ୬ ଖଣ୍ଡ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଘଟଣା ସ୍ଥଳରେ ପୋଲିସ ମୁତୟନ ଥିବା ବେଳେ ଗ୍ରାମବାସୀ ଭୋଟ ବର୍ଜନ କରି ଖରାରେ ଧାରଣାରେ ବସି ରହିଥିଲେ।

## ମତଦାନ ବେଳେ ଗଣ୍ଡଗୋଳ

**ଚିକିଟି, ୧୩।୫(ପ୍ରକାଶ ଚନ୍ଦ୍ର ସାହୁ):**

ଚିକିଟି ନିର୍ବାଚନ ମଣ୍ଡଳୀର ଧାନଘର, ଚିକିଟି ପେଣ୍ଠ, ଚିକିଟିଗଡ଼ ବିଏସଏନ ଏଲପୁର, ରାମଚନ୍ଦ୍ରପୁର, ନୂଆମୈସାନପୁର ଗ୍ରାମର ବୁଥଗୁଡିକରେ ଭୋଟ ଗ୍ରହଣ ବେଳେ ଗଣ୍ଡଗୋଳ ହୋଇଛି। ଧାନଗର ଭୋଟଦାନ କେନ୍ଦ୍ର ପରିସରରେ ଗଣ୍ଡଗୋଳ ଯୋଗୁଁ ପ୍ରିଜାଇଡିଂ ଅଫିସର ନିଲମ୍ବିତ ହୋଇଥିଲେ। ଚିକିଟିପେଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟ ୨ଟି ବୁଥ ନିକଟରେ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ବ୍ରହ୍ମପୁର ଏସପି ପହଞ୍ଚିବା ଯୋଗୁଁ ଗଣ୍ଡଗୋଳକୁ ଏଡ଼ାଇ ଦିଆଯାଇଥିଲା। ସେହିପରି କରବାଲୁଆ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୬୪, ୬୫ ବୁଥ ନିକଟରେ ବିଜେଡି ଓ ଭାଜପା ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ବେଳେ ପୋଲିସ ପହଞ୍ଚିବା ପରେ ଛତ୍ରଭଙ୍ଗ ଦେଇଥିଲେ। ସେହିପରି ରାମଚନ୍ଦ୍ରପୁର ଗ୍ରାମରେ ଭୋଟଦାନ ପୂର୍ବରୁ ଗଣ୍ଡଗୋଳ ଦେଖାଦେଇଥିବା ବେଳେ ନୂଆ ମୈସାନପୁର ବୁଥ ନିକଟରେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗଣ୍ଡଗୋଳକୁ ଏଡ଼ାଇ ଦେବା ପରେ ଭୋଟଦାନ ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଛି। ଚିକିଟି ବ୍ଲକରେ ୬୫% ମତଦାନ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଅଟୋ ଦୁର୍ଘଟଣାରେ ଦାଦନ ଶ୍ରମିକ ମୃତ

ପୋଲସରା, ୧୩।୫(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ବାଲିଚ୍ଛାଇ ଗ୍ରାମର ଖଦାଳ ସାହୁଙ୍କ ଏକମାତ୍ର ରୋଜଗାରିଆ ପୁଅ ନରେନ୍ଦ୍ର (୩୦)ଙ୍କ ମୃତ୍ୟୁ ଘଟିଛି। ନରେନ୍ଦ୍ର ସୁରଟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ରବିବାର କାମ କରିବାକୁ ଯିବା ବେଳେ ସୁରଟ ବେଡ ରୋଡ ନିକଟରେ ଏକ ଅଟୋ ଆସି ଧକ୍କା ଦେବା ଫଳରେ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ସ୍ଥାନୀୟ ମେଡିକାଲରେ ନରେନ୍ଦ୍ରଙ୍କୁ ଭର୍ତ୍ତି କରିଥଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୁଅର ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକେ। ଖବର ପାଇ ଘୁମୁସର ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ନିର୍ବାଚନ ମଣ୍ଡଳୀ ସଂଯୋଜକ ରାଜେନ୍ଦ୍ର ପାତ୍ରଙ୍କ ସମେତ କର୍ମକର୍ତ୍ତାମାନେ ପହଞ୍ଚି ପରିବାରଙ୍କୁ ବୁଝାଇବା ସହ ସମବେଦନା ଜଣାଇଛନ୍ତି।

### ଗଞ୍ଜାମ ବ୍ଲକରେ ଶାନ୍ତିପୂର୍ଣ୍ଣ ମତଦାନ

ଗଞ୍ଜାମ, ୧୩।୫(ବିଦ୍ୟାଧର ସାହୁ):

ଛତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଥିଲା। ସକାଳ ୭ ଟାରେ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ ଟାରେ ଶେଷ ହୋଇଥିଲା। କାଁଭାଁ କିଛି ବୁଥରେ ନିର୍ଦ୍ଧାରିତ ସମୟ ଠାରୁ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ମତଦାନ ଦେଖିବାକୁ ମିଳିଥିଲା। ଗଞ୍ଜାମ ବ୍ଲକ୍ ୧୫ ପଞ୍ଚାୟତ ଏବଂ ଦୁଇଟି ଏନଏସି ଯଥା ଗଞ୍ଜାମ ଓ ରମ୍ଭା ଏନଏସି ସମ୍ବେଦନ ଓ ଅତି ସମ୍ବେଦନଶୀଳ ବୁଥଗୁଡ଼ିକରେ ପୋଲିସର କଡ଼ା ସୁରକ୍ଷା ବଳୟରେ ମତଦାନ ହୋଇଥିଲା। ମୋଟାମୋଟି ଏହି ବ୍ଲକ୍‌ରେ ଶାନ୍ତି ଶୃଙ୍ଖଳା ସହ ମତଦାନ ଶେଷ ହୋଇଥିବା ଜଣାପଡିଛି। ମତଦାନ ଆରମ୍ଭ ବେଳେ ପାଲିବନ୍ଧ ପଞ୍ଚାୟତରେ କିଛି ଏଭିଏମ ମେସିନରେ ତ୍ରୁଟିଦେଖାଯାଇଥିଲା। ଫଳରେ ମତଦାନ ବିଳମ୍ବ ହୋଇଥିଲା। ଖବର ପାଇ ନିର୍ବାଚନ ଅଧିକାରୀ ବସନ୍ତ କୁମାର ମଲ୍ଲିକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କୁଞ୍ଜ ବିହାରୀ ବଡ଼ ଜେନା ଉକ୍ତ ବୁଥଗୁଡ଼ିକରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ପୁଲିଂ ଅଫିସରଙ୍କ ସହ ଆଲୋଚନା କରିଥିଲେ। ସେହିପରି ୱାର୍ଡ ନଂ ୧୧ ଦାମଦରପୁରରେ ଭାଜପା କର୍ମୀ ଭୋଟରଙ୍କୁ ପ୍ରଭାବିତ କରିଥିବା ଅଭିଯୋଗ ହୋଇଥିଲା। ଗଞ୍ଜାମ ଥାନା ଆଇଆଇସି ନମିତା ପାତ୍ର ସେଠାରେ ପହଞ୍ଚି ପରିସ୍ଥିତି ଆୟତ କରିଥିଲେ। ଏହି ବ୍ଲକ୍‌ରେ ହାରାହାରି ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ବସନ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

### ଆର୍‌ଆଇ ଅଫିସ ଆଗରେ ଯୁବକ ସଂଘର ଧାରଣା

ଚକାପାଦ, ୧୩।୫(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ଖୁଡୁତେନ୍ତୁଳି ଗୌରୀଶଙ୍କର ଯୁବକ ସଂଘ ପକ୍ଷରୁ ସୋମବାର ଲାଇନପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଯୁବକ ସଂଘ ଜମିର ସ୍ଥାୟୀ ସମାଧାନ ଦାବିରେ ଧାରଣା ଦିଆଯାଇଥିବା ବେଳେ ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ସଂଘ କର୍ମକର୍ତ୍ତାଙ୍କ ସହ ଖୁଡୁତେନ୍ତୁଳି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗୌରୀଶଙ୍କର ଯୁବକ ସଂଘ ୧୯୯୨ରେ ପଞ୍ଜିକରଣ ହୋଇଛି। ଖାତା ନଂ. ୧୭୯ ପ୍ଲଟ୍ ନଂ ୩୮୨ରେ ଏରିଆ ୧୬୫ ଆର ସ୍ଥାନ ସଂଘର ରହିଛି। ଏବେ ଖୁଡୁତେନ୍ତୁଳି ଗ୍ରାମର ଜଣେ ବ୍ୟକ୍ତି ଏହି ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରୁଛନ୍ତି। ଏହାର ପ୍ରତିବାଦରେ ଧାରଣା ଦିଆଯାଇଛି ବୋଲି ସଂଘ ସଭାପତି କାହ୍ନୁଚରଣ ପୃଷ୍ଟି, ଅନିରୁଦ୍ଧ ପୃଷ୍ଟି, ଗୋପବନ୍ଧୁ ଦାସ, ସୁବ୍ରତ ପୃଷ୍ଟି, ପ୍ରସନ୍ନ କୁମାର ପୃଷ୍ଟି, ନାଏବ ସରପଞ୍ଚ ଅଗସ୍ତି ଦିଗାଲ ପ୍ରମୁଖ ପ୍ରକାଶ କରିଛନ୍ତି। ସଂଘ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଏକ ମିଳିତ ବୈଠକରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୁବକ ସଂଘ ଦ୍ୱାରା ନିର୍ମାଣ ହୋଇଥିବା ଡାଳ ଛପର ଗୃହରେ ଆଶ୍ରୟ ନେବାକୁ ଗୃହ ଦିଆ ଯାଇଥିଲା। ସରକାର ଉକ୍ତ ଜମି ପାର୍ଶ୍ୱରେ ତାଙ୍କୁ ୧୫ ଆର ଜମି ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗାଇ ଦେଇଛନ୍ତି। ଯାହାର ପ୍ରମାଣ ଅଛି ବୋଲି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅନିରୁଦ୍ଧ ପୃଷ୍ଟି କହିଛନ୍ତି। କିନ୍ତୁ ବ୍ୟକ୍ତି ଜଣଙ୍କ ନିଜେ ପାଇଥିବା ସ୍ଥାନ ଛାଡି ବିବାଦୀୟ ସ୍ଥାନରେ ଗୃହ କାର୍ଯ୍ୟ କରୁଛନ୍ତି। ତେବେ ଆଗକୁ କିଛି ଅଘଟଣ ଘଟିବା ପୂର୍ବରୁ ସ୍ଥାୟୀ ସମାଧାନ ପାଇଁ ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର ପ୍ରକାଶ କରିଛନ୍ତି।

## ପାରଳାଖେମୁଣ୍ଡିରେ ୬୪%, ମୋହନାରେ ୬୩% ଭୋଟ ଗ୍ରହଣ

ପାରଳାଖେମୁଣ୍ଡି, ୧୩।୫ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲାର ୨ଟି ନିର୍ବାଚନ ମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡିରେ ସୋମବାର ଭୋଟଗ୍ରହଣ ହୋଇଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀ ପାରଳାଖେମୁଣ୍ଡି ସହରର ୧୪ ନମ୍ବର ୱାର୍ଡରେ ମତ ସାବ୍ୟସ୍ତ କରିଥିବା ବେଳେ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜୟ ପଟ୍ଟନାୟକ ଯାଜପୁର ଗ୍ରାମର ୧୮୯ ନମ୍ବର ବୁଥରେ ନିଜର ମତ ସାବ୍ୟସ୍ତ କରିଛନ୍ତି। ସେହିପରି ଭାଜପା ବିଧାୟକ ତଥା ବିଧାୟକ କେ. ନାରାୟଣ ରାଓ ଭିସ୍ତୁଲା ଗ୍ରାମରେ ଭୋଟ ଦାନ କରିଛନ୍ତି। ଗଜପତି ଜିଲାର ମୋଟ ୫୭୩ଟି ବୁଥରେ ମତଦାନ ହୋଇଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୭୬ଟି ବୁଥରେ ଭୋଟଦାନ ହୋଇଥିବା ବେଳେ ମୋହନା ନିର୍ବାଚନ ମଣ୍ଡଳୀରେ ୨୯୭ଟି ବୁଥରେ ମତଦାନ କରାଯାଇଛି। ମୋଟାମୋଟି ଭାବେ ନିର୍ବାଚନ ଶାନ୍ତିଶୃଙ୍ଖଳା ସହ ସମାପ୍ତ ହୋଇଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୬୪.୨୩% ଭୋଟଗ୍ରହଣ ହୋଇଥିବା ବେଳେ ମୋହନା ନିର୍ବାଚନ ମଣ୍ଡଳୀରେ ୬୩.୨୫% ମତଦାନ ସାବ୍ୟସ୍ତ ହୋଇଛି।

## ଖବରଦାତାଙ୍କୁ ଏସ୍‌ଡିପିଓଙ୍କ ଆକ୍ରମଣ ଅଭିଯୋଗ

ଫୁଲବାଣୀ, ୧୩।୫(ରାକେଶ କୁମାର ରାଉତ): ପୋଲିସ ପାଖରୁ ସୂଚନା ପାଇ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ବାଲିଗୁଡ଼ା ଏସଡିପିଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦୁଇ ସାମ୍ବାଦିକ ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତର ବେଙ୍ଗେସି ଗାଁରେ କିଛି ଲୋକ ପୋଲିସ ପରିଚୟ ଦେଇ ମାରଣାସ୍ତ୍ର ଦେଖାଇ ଘର ଘର ପସି ଗଞ୍ଜେଇ ଚଢ଼ାଉ କରୁଥିବା ଖବର ପୋଲିସକୁ ମିଳିଥିଲା। ଥାନାରୁ ଖବର ପାଇ ଫିରିଙ୍ଗିଆ ପ୍ରେସ କ୍ଲବର ସଭାପତି ଉତ୍ତମ ଖମାରୀ ଓ କୋଷାଧକ୍ଷ ସୁବ୍ରତ କୁମାର ମହାନ୍ତି ଖବର ସଂଗ୍ରହ କରିବା ପାଇଁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ସାଦାପୋଷାକରେ ଥିବା ଜଣେ ବ୍ୟକ୍ତି ଓହ୍ଲାଇ ନିଜକୁ ବାଲିଗୁଡା ଏସ୍‌ଡିପିଓ ରାହୁଲ ଗୋୟଲ ବୋଲି ପରିଚୟ ଦେବା ସହ କାହା ପରମିସନରେ ଭିଡିଓ ଉଡ଼ାଉଛ ବୋଲି କହି ପରିଚୟ ପତ୍ର ମାଗିଥିଲେ। ଉଭୟ ପରିଚୟ ପତ୍ର ଦେଖାଇ ଥିଲେ। ତଥାପି ମଧ୍ୟ ଏସ୍‌ଡିପିଓ ରାହୁଲ ଗୋୟଲ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେବା ସହ ମାଡ଼ ମାରିଥିଲେ। ଏହି ଘଟଣାକୁ କନ୍ଧମାଳ ଜିଲାର ସମସ୍ତ କାର୍ଯ୍ୟରତ ଖବରଦାତା ନିନ୍ଦା କରିବା ସହ ଆଗାମୀ ଦିନରେ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଦିଗପହଣ୍ଡିରେ ମତଦାନ ହାର ୫୯%



ଦିଗପହଣ୍ଡି, ୧୩।୫(ଅଶେଷନାଥ ମିଶ୍ର): ଦିଗପହଣ୍ଡିରେ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ସହକାରେ ସମାପନ ହୋଇଛି। ମତଦାନ ପାଇଁ ଦିଗପହଣ୍ଡି ବ୍ଲକର ୨୫ଟି ପଞ୍ଚାୟତରେ ୧୭୭ଟି ମତଦାନ କେନ୍ଦ୍ର କରାଯାଇଥିଲା। ସେଥିମଧ୍ୟରୁ ସଖୀ ମତଦାନ କେନ୍ଦ୍ର ୯ଟି ଓ ୫ଟି ମଡେଲ୍ ମତଦାନ କେନ୍ଦ୍ର କରାଯାଇଥିଲା। ଅପରାହ୍ନ ୬ଟା ସୁଦ୍ଧା ଦିଗପହଣ୍ଡି ବ୍ଲକରେ ୫୯ % ମତଦାନ ହୋଇଥିବା ଜଣାପଡିଛି। କଇଁଠଡା ପଞ୍ଚାୟତ ଅନ୍ତର୍ଗତ ଓଡାସିଙ୍ଗି ଗ୍ରାମରେ ଭୋଟରଙ୍କୁ ଟଙ୍କା ବଣ୍ଟନକୁ କେନ୍ଦ୍ରକରି ନିର୍ବାଚନର ପୂର୍ବ ରାତ୍ରରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଖବର ହସ୍ତଗତ ହୋଇଛି। ଦିଗପହଣ୍ଡି ସହର ପାଇଁ ୧୧ଟି ମତଦାନ କେନ୍ଦ୍ର କରାଯାଇଥିଲା। ଅନେକ ମତଦାନ କେନ୍ଦ୍ରରେ ସନ୍ଧ୍ୟା ୭.୩୦ ସୁଦ୍ଧା ଇଭିଏମ୍ ସିଲ୍ ହୋଇନଥିବା ସୂଚନା ମିଳିଛି।

## ସାନଖେମୁଣ୍ଡିରେ କଂଗ୍ରେସ-ସିପିଆଇ ମେଣ୍ଟ

**ପାଟପୁର, ୧୩।୫(ସିମାଞ୍ଚଳ ସାହୁ):**

ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତି ସମର୍ଥନ ଘୋଷଣା କରିଛି ସିପିଆଇ ଦଳ। ସୋମବାର ଖଲିଙ୍ଗି ଠାରେ ଅନୁଷ୍ଠିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ସାନଖେମୁଣ୍ଡି ଜୋନ କାର୍ଯ୍ୟକାରୀ କମିଟି ବୈଠକରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ ନେଇ ନିଷ୍ପତି ଗ୍ରହଣ କରାଯାଇଥିବା ଦଳ ପକ୍ଷରୁ ସୂଚନା ମିଳିଛି। ସିପିଆଇ ରାଜ୍ୟ ପରିଷଦର ନିଷ୍ପତି କ୍ରମେ ଦେଶ ଓ ରାଜ୍ୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ, ଦେଶରେ ସମ୍ବିଧାନ ଏବଂ ଗଣତନ୍ତ୍ର ବିରୋଧୀ ଏକଛତ୍ରବାଦୀ ଫାଶିଷ୍ଟ ଦଳ ଓ ରାଜ୍ୟର ୨୪ ବର୍ଷର କୁଶାସନ ଜନବିରୋଧୀ ବିଜେଡ଼ି ବିରୋଧରେ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଐକ୍ୟକୁ ଶକ୍ତିଶାଳୀ କରିବା ପାଇଁ ସାନଖେମୁଣ୍ଡିରେ କଂଗ୍ରେସକୁ ସମର୍ଥନ କରିଥିବା ଦଳୀୟ ନେତାମାନେ ପ୍ରକାଶ କରିଛନ୍ତି। ଜୋନ ସମ୍ପାଦକ କୈଳାସ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ବିଧାୟକ ପ୍ରାର୍ଥୀ ରମେଶଚନ୍ଦ୍ର ଜେନା, ଏମପି ପ୍ରାର୍ଥୀ ଦେବକାନ୍ତ ଶର୍ମା ଯୋଗଦେଇ ଦେଶ, ରାଜ୍ୟ ଅଞ୍ଚଳର ଜନସମସ୍ୟା ଓ ଆଗାମୀ ନିର୍ବାଚନରେ ମିଳିତ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନେତା ଅନନ୍ତ ମହାନ୍ତୁଡ, ଭଗବାନ ରାଉତ, ସୁଶାନ୍ତ ସ୍ୱାଇଁ, ବିନାୟକ ଦାଶ, ଅଶୋକ କୁମାର ଜେନା, ଏ କୃଷ୍ଣମୂର୍ତ୍ତି ପାତ୍ର, ଭାସ୍କର ମହାରଣା, ରବୀନ୍ଦ୍ର ବିଷୋୟୀ, ପାଣ ସେଠୀ, ଭଗବାନ ପାତ୍ର, ବୃନ୍ଦାବନ ମହାନ୍ତୁଡଙ୍କ ସମେତ କାର୍ଯ୍ୟକାରୀ କମିଟି ସଭ୍ୟମାନେ ନିର୍ବାଚନ ସମ୍ପର୍କିତ ଆଲୋଚନା କରିଥିଲେ।



ବୈଠକରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ରମେଶ ଜେନା ଓ ଅନ୍ୟ ନେତାମାନେ।

## ଘାଇରେ ବୁଡ଼ି ଯୁବକ ମୃତ

ଖଲ୍ଲିକୋଟ, ୧୩।୫(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲକ୍ଷ୍ମଣପୁର ଗ୍ରାମର ଦେବରାଜ ବେହେରାଙ୍କ ଏକ ମାତ୍ର ପୁଅ ମୁକେଶ ବେହେରା (୧୯) ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୋମବାର ସକାଳେ ସେ ଗ୍ରାମ ନିକଟରେ ଥିବା ଘୋରଣା ଘାଇରେ ବୁଡ଼ି ଯାଇଥିଲେ। ଖବର ପାଇ ଘର ଲୋକେ ଖଲ୍ଲିକୋଟ ମେଡ଼ିକାଲ ଆଣିଥିଲେ, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୮୫ ବର୍ଷରୁ ଊର୍ଦ୍ଧ୍ୱ, ଦିବ୍ୟାଙ୍ଗଙ୍କ ପାଇଁ ହୋମ୍ ଭୋଟ୍ ବ୍ୟବସ୍ଥା

ଛତ୍ରପୁର ୧୩।୫(ସନ୍ତୋଷ ପାଢ଼ୀ):

ଭାରତୀୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଚଳିତ ସାଧାରଣ ନିର୍ବାଚନରେ ଯେମିତି ଶତପ୍ରତିଶତ ମତଦାତା ସେମାନଙ୍କ ମତଦାନ କରିବେ ସେଥି ନିମନ୍ତେ ଅନେକ ବ୍ୟବସ୍ଥା କରାଯାଇଛି। ଯେଉଁ ଭୋଟଦାତାମାନଙ୍କର ବୟସ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଯେଉଁମାନେ ଦିବ୍ୟାଙ୍ଗ ସେମାନେ ମଧ୍ୟ ନିଜ ମତ ସାବ୍ୟସ୍ତ କରିବେ। ଗଞ୍ଜାମ ଜିଲାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ମତଦାତାଗଣ, ଯେଉଁମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ନିଜ ଗୃହରେ ଭୋଟ ଦେବା ନିମନ୍ତେ ଆବେଦନ କରିଥିଲେ, ସେମାନଙ୍କ ଘରକୁ ଯାଇ ଭୋଟ ଗ୍ରହଣ ଦଳ ଭୋଟ ସଂଗ୍ରହ କରିବେ। ଚଳିତ ମାସ ୧୪ ତାରିଖ ଏବଂ ୧୫ ତାରିଖ ଦିନ ଘରକୁ ଯାଇ ଭୋଟ ଗ୍ରହଣ କରିବେ। ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ହିଞ୍ଜିଳି, ସାନଖେମୁଣ୍ଡି ବିଧାନସଭା ଅଞ୍ଚଳ ଗସ୍ତକରି ଆବେଦନକାରୀଙ୍କ ଘରକୁ ଯାଇ ମତଦାନ ସଂଗ୍ରହ କରିବେ। ଏଥି ସକାଶେ ୧୮ଟି ଦଳ ନିଯୁକ୍ତ ହୋଇଛନ୍ତି। ସେହିପରି ଭଞ୍ଜନଗର, ଆସ୍କା ଏବଂ ସୋରଡା ନିମନ୍ତେ ୧୫ ଓ ୧୬ ତାରିଖରେ ଘରକୁ ଘର ଯାଇ ମତଦାନ ସଂଗ୍ରହ କରିବେ। ଏହି ପୋଲିଂ ଅଧିକାରୀମାନଙ୍କୁ ଗୃହକୁ ଯାଇ କିଭଳି ମତଦାନ ସଂଗ୍ରହ କରିବେ ସେହି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ଦଳରେ ମାଇକ୍ରୋ ପର୍ଯ୍ୟବେକ୍ଷକ, ପୋଲିସ, ଭିଡିଓଗ୍ରାଫି ଟିମ ସହ ଘରକୁ ଯାଇ ମତ ସଂଗ୍ରହ କରିବେ। ମତଦାତାମାନଙ୍କୁ ମଧ୍ୟ ପୂର୍ବରୁ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦିଷ୍ଟ ନିର୍ବାଚନ ଅଧିକାରୀମାନଙ୍କୁ କୁହାଯାଇଛି।

## ପୋଲିଂ କର୍ମଚାରୀ, ପୋଲିସଙ୍କ ପାଇଁ ପୋଷ୍ଟାଲ ବାଲଟ ଭୋଟ୍ ବ୍ୟବସ୍ଥା

ଛତ୍ରପୁର ୧୩।୫ (ସନ୍ତୋଷ ପାଢ଼ୀ): ଭାରତୀୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଏବଂ ପୂର୍ବ ନିଷ୍ପତ୍ତି ପ୍ରକାରେ ଗଞ୍ଜାମ ଜିଲାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ନିମନ୍ତେ ନିଯୁକ୍ତ ଥିବା ପୋଲିସ କର୍ମଚାରୀଙ୍କ ପାଇଁ ପୋଷ୍ଟାଲ ବାଲଟରେ ଭୋଟ ଦେବା ବ୍ୟବସ୍ଥା କରାଯାଇଛି। କେହି ଯେମିତି ଭୋଟଦାନ ଅଧିକାରରୁ ବାଦ ପଡିବେ ନାହିଁ ସେମାନଙ୍କ ସକାଶେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତ ମାସ ୧୫ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ସ୍ଥିତ ଜିଲାପାଳଙ୍କ ପୁରୁଣା କୋଠା ଗୃହରେ ମତ ସାବ୍ୟସ୍ତ କରିବେ। ଏଥି ସକାଶେ ପୂର୍ବରୁ ଆବେଦନ କରିଥିବା ପୋଲିସ ବ୍ୟକ୍ତି ବିଶେଷ ଆସ୍କା ଲୋକସଭା ଓ ୭ଟି ବିଧାନସଭା ଆସନ ନିମନ୍ତେ ବାଲାଟ ଭୋଟ ଦ୍ୱାରା ନିଜର ମତଦାନ କରିବେ। ଏଥିପାଇଁ ଚଳିତ ମାସ ୧୫ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଉପସ୍ଥିତ ରହି ଫେସିଲେସନ ସେଣ୍ଟରଗୁଡିକରେ ଭୋଟ ଗ୍ରହଣ କରାଯିବ। ସେହିପରି ପୂର୍ବରୁ ଫର୍ମ ୧୨ରେ ଆବେଦନ କରିଥିବା ପୋଲିଂ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଅନ୍ୟାନ୍ୟ ଅଧିକାରୀ, ସଫେଇ କର୍ମଚାରୀ ଉପରେ ଦର୍ଶିତ ସମୟ ଓ ତାରିଖରେ ସରକାରୀ ଆଇଟିଆଇ ବ୍ରହ୍ମପୁର, ଶଶୀ ଭୂଷଣ ରଥ ମହିଳା ମହାବିଦ୍ୟାଳୟ ବ୍ରହ୍ମପୁର, ଭିଭି ଗିରି ସରକାରୀ ବାଳିକା ବିଦ୍ୟାଳୟ, ଗିରି ରୋଡ ବ୍ରହ୍ମପୁର, ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ଭଞ୍ଜନଗର, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଠାରେ ହେଉଥିବା ଟ୍ରେନିଂ କେନ୍ଦ୍ର ପରିସରରେ ଆୟୋଜିତ ଫେସିଲେସନ ସେଣ୍ଟରରେ ନିଜର ମତ ସାବ୍ୟସ୍ତ କରିପାରିବେ।

## ହୃଦ୍‌ଘାତରେ ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ

ଦିଗପହଣ୍ଡି, ୧୩।୫(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ଉତ୍କଳ ବୈଶ୍ୟ କରଣ କଲ୍ୟାଣ ସମିତିର ସଭାପତି ନୀଳମାଧବ ପଟ୍ଟନାୟକଙ୍କ ସୋମବାର ପୂର୍ବାହ୍ନରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଦିଗପହଣ୍ଡି ସ୍ଥିତ ନିଜ ଦସ୍ତାବିଜ ଲେଖକ କାର୍ଯ୍ୟାଳୟରେ ବସିଥିବା ବେଳେ ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ



ଧରାକୋଟ, ୧୩।୫ (ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଦଳ ଛାଡ଼ି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଓ ବର୍ତ୍ତମାନର ବିଧାୟିକା ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଛନ୍ତି। ରୁଗୁମୁ ପଞ୍ଚାୟତର ଦଳୀୟ କର୍ମୀ ଅଧମ ନାୟକ, କାଳୁ ଚରଣ ପାଣିଗ୍ରାହୀ, ସନୋଜ ସ୍ୱାଇଁ ଓ ନୀଳାଚଳ ସ୍ୱାଇଁଙ୍କ ଉପସ୍ଥିତିରେ ଉତ୍ତମ ନାୟକ, ସିପୁ ନାୟକ, ରବୀନ୍ଦ୍ର ନାୟକ, ରିଙ୍କୁ ନାୟକଙ୍କ ସମେତ ଶହେରୁ ଅଧିକ କର୍ମୀ ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ଦଳ ତରଫରୁ ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ସେମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହାଦ୍ୱାରା ଦଳ ଅଧିକ ମଜବୁତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଭାଜପାର ମିଶ୍ରଣ ପର୍ବ

ରାଇକିଆ, ୧୩।୫(ପ୍ରଦୀପ ବେହେରା):

କନ୍ଧମାଳ ଜିଲା ରାଇକିଆ ଭାଜପା କାର୍ଯ୍ୟାଳୟରେ ସୋମବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦଳ ପାଇଁ କାର୍ଯ୍ୟ କରୁଥିବା ଏବଂ ସମର୍ଥନ କରୁଥିବା ୫୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ରାଇକିଆ ବ୍ଲକର ପଛୁଆ ଓ ଦୁର୍ଗମ ବଡ ବାରବା ଓ ରଣବା ପଞ୍ଚାୟତର ଏହି କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ଦେଶରେ ଯେପରି ବିକାଶର ରଥ ଆଗେଇ ଚାଲିଛି ସେଥିରେ ଆକର୍ଷିତ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ଭାଜପା ଜିଲା ଓବିସି ସଭାପତି ସନ୍ତୋଷ ଲେଙ୍କା ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହେଇଥିଲା। ଅନ୍ୟପକ୍ଷରେ ଏସବୁ ଅଞ୍ଚଳରେ ବିକାଶ ଅପହଞ୍ଚ ହୋଇଥିବା ବେଳେ ଭାଜପା ସରକାର ଗଠନ କରିଲେ ବିକାଶକୁ ପ୍ରାଥମିକତା ଦିଆଯିବ ବୋଲି ପ୍ରାର୍ଥୀ ମାନଗୋବିନ୍ଦ କହିଥିଲେ।

## ବିଭିନ୍ନ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର

**ଆସିକା, ୧୩।୫(ସୁରେନ୍ଦ୍ର ନାଥ ସାହୁ)**

ଆସିକା ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତଦାନ ହେବ। ତେଣୁ ବିଭିନ୍ନ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ ଗାଁକୁ ଗାଁ ବୁଲି ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଭୋଟ ହାତେଇବାକୁ ଜୋରଜାର ପ୍ରୟାସ ଚଳାଇଛନ୍ତି। ସୋମବାର ଆସିକା ବିଜେଡି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ଗୁଣ୍ଡପଡା ପଞ୍ଚାୟତର ଜଗଦଳପୁର, ନିମିନା ପଞ୍ଚାୟତର ମହାନିମ୍ବପଲ୍ଲୀ, ଶୁଣ୍ଡିପଲ୍ଲୀ ଏବଂ କେନ୍ଦୁପଦର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଦର, ଚାଟୁଳା ଆଦି ଗ୍ରାମରେ ପରିକ୍ରମା ସହ ପଥପ୍ରାନ୍ତ ସଭା କରାଯାଇଛି। ସେହିଭଳି ଭାଜପା ପ୍ରାର୍ଥୀ ସରୋଜ କୁମାର ପାଢୀ ନିଜ ସମର୍ଥକଙ୍କ ସହ ବରଗାଁ ପଞ୍ଚାୟତ ଅନ୍ତର୍ଗତ ବେଣିଆ, ଧୋବାପଲ୍ଲୀ, ଗୋଳାପଲ୍ଲୀ, ମାଗୁରା, କଲେଜଛକ, ବଡଖୋଲି, ସାନଖୋଲି, ସାମନ୍ତରାପୁର ଆଦି ଗ୍ରାମ ବୁଲି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ସିପିଆଇ (ଏମଏଲ) ରେଡଷ୍ଟାର ପକ୍ଷରୁ ପ୍ରାର୍ଥୀ ରାମଚନ୍ଦ୍ର ବାଡତ୍ୟା ମଧ୍ୟ ତାଙ୍କ ସମର୍ଥକଙ୍କ ଗହଣରେ ବିଭିନ୍ନ ଗ୍ରାମ ବୁଲି ଶ୍ରମଜୀବୀମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ତାଙ୍କ ସପକ୍ଷରେ ମତଦାନ ଲାଗି ନିବେଦନ କରିଛନ୍ତି। ଅଦ୍ୟାବଧି ରାଜମିସ୍ତ୍ରି ଭାବେ କାର୍ଯ୍ୟକରି ଗୁଜୁରାଣ ମେଣ୍ଟାଉଥିବା ରାମଚନ୍ଦ୍ର ଶ୍ରମିକ, ଖଟିଖିଆ ଓ ଦିନ ମଜୁରିଆଙ୍କ ସେମାନଙ୍କ ହକ ପାଇଁ ସୁଯୋଗ ଦେବା ସକାଶେ ତାଙ୍କୁ ବିଜୟୀ କରିବା ଲାଗି ନିବେଦନ କରିଛନ୍ତି। ବାଡତ୍ୟାଙ୍କ ପକ୍ଷରୁ ସୋମବାର ଆସିକା ବ୍ଲକର ଜୟପୁର, ହରିଡାପଦର, ବରଗାଁ, ଖାରିଆ, ଆସିକା ବସଷ୍ଟାଣ୍ଡ, ନିରାଳ, ରିଷିପୁର, ଗୁଣ୍ଡପଡା, ବାଲିସିରା ଆଦି ଗ୍ରାମରେ ପଥପ୍ରାନ୍ତ ସଭା କରାଯାଇଛି।




ଆସିକା ବସଷ୍ଟାଣ୍ଡ ପଥପ୍ରାନ୍ତ ସଭାରେ ସମର୍ଥକଙ୍କ ସହ ପ୍ରାର୍ଥୀ ରାମଚନ୍ଦ୍ର ବାଡତ୍ୟା।



ଗୋପାଳପୁର ନିର୍ବାଚନ ମଣ୍ଡଳୀ ନିମଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭୋଟ ଦେବାକୁ ମହିଳାମାନଙ୍କ ଲମ୍ବା ଧାଡ଼ି।



ବ୍ରହ୍ମପୁର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକ ମତଦାନ କରିଛନ୍ତି



ବ୍ରହ୍ମପୁର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସ ମତଦାନ କରିଛନ୍ତି।



ଛତ୍ରପୁର ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ବେହେରା ମତଦାନ କରିଛନ୍ତି।





ପାରଳାଖେମୁଣ୍ଡିର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜୟ ପଟ୍ଟନାୟକ ଓ ବିଜେଡି ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀ ମତଦାନ କରିଛନ୍ତି।

# ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ୪୭.୯% ମତଦାନ

ବ୍ରହ୍ମପୁର,୧୩।୫(ସ୍ମୃତି ରଞ୍ଜନ ମହାଳିକ)

ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସୋମବାର ମତଦାନ ଶେଷ ହୋଇଛି। ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସରିଥିଲା। ଏଠାରେ ମୋଟ ୪୭.୯ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ମତଦାନକୁ ଶୃଙ୍ଖଳିତ କରିବାକୁ ପୋଲିସ ଓ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସକାଳ ୭ଟାରୁ ସହରର ବିଭିନ୍ନ ବୁଥରେ ଲମ୍ବା ଧାଡି ଲାଗିଥିଲା। ବୃଦ୍ଧ ବୃଦ୍ଧାଙ୍କଠାରୁ ଆରମ୍ଭ କରି ଦିବ୍ୟାଙ୍ଗମାନେ ମଧ୍ୟ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇଥିଲେ। ଭୋଟ ଦେବା ପାଇଁ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଥିଲା। ଦଳୀୟ ପ୍ରାର୍ଥୀମାନେ ମଧ୍ୟ ଭୋଟ ଦେଇ ନିଜ ଅଧିକାର ସାବ୍ୟସ୍ତ କରିଥିଲେ।

## ନିର୍ବାଚନୀ ହିଂସା, ପୋଲିସର ଲାଠିଚାଳନା

ମତଦାନ ସମୟରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ୩୮ ନଂ ୱାର୍ଡ ଅନ୍ତର୍ଗତ ଲାଞ୍ଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟର ୬୮ନଂ ବୁଥରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ପୋଲିସ ଘଟଣା ସ୍ଥଳରେ ମୃଦୁ ଲାଠିଚାଳନା କରିଥିଲା। ସେହିପରି ଲାଞ୍ଜିପଲ୍ଲୀ ସ୍ଥିତ ୬୭ ନଂ ବୁଥରେ ମଧ୍ୟ ଜଣେ ଦଳୀୟ କର୍ମୀଙ୍କୁ ମାଡ ହୋଇଛି। ଏହି ବୁଥରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳର କର୍ମୀ ବିପକ୍ଷ ଦଳର କର୍ମୀଙ୍କୁ ମାଡ ମାରି ଲହୁ ଲୁହାଣ କରିଥିବା ସୂଚନା ମିଳିଛି। ବିନାୟକ ଆଚାର୍ଯ୍ୟ ହାଇସ୍କୁଲରେ ମଧ୍ୟ କଲେଜ ଛାତ୍ରଙ୍କୁ ସ୍ୱେଚ୍ଛାସେବୀ ଭାବରେ ନିୟୋଜିତ କରାଯାଇ ସେମାନଙ୍କୁ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ ପ୍ରଚାର କରାଯାଉଥିବା ନେଇ କଂଗ୍ରେସର ଜଣେ କର୍ମୀ ଅଭିଯୋଗ କରିଥିଲେ। ଏହାକୁ ନେଇ ଅଶାନ୍ତି ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ପୋଲିସ ଅଧିକାରୀ କର୍ମୀଙ୍କୁ ବୁଝାଶୁଝା କରିବା ସହ କଲେଜ ଛାତ୍ରଙ୍କୁ ସେଠାରୁ ହଟାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ଥିବା ଏକ ବୁଥରେ ମଧ୍ୟ ୨ ଦଳୀୟ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଆସ୍କା ରୋଡଠାରେ ମଧ୍ୟ ଉପସ୍ଥିତ ୨ ଦଳୀୟ କର୍ମୀ ମୁହାଁମୁହିଁ ହୋଇଥିଲେ। ଗାନ୍ଧୀ ନଗର ସ୍ଥିତ ଏକ ବୁଥରେ ର୍‍ୟାଗିଂ ହୋଇଥିବା ଅଭିଯୋଗ ହୋଇଛି। ତେବେ ସହରର ପୋଲିଂ ବୁଥରେ ଇଭିଏମ ମେଶିନ କାମ କରୁ ନ ଥିବା ବେଳେ ବୁଥ ଗୁଡିକରେ ଆଲୋକୀକରଣ ବ୍ୟବସ୍ଥା ନ ଥିବା କାରଣରୁ ଭୋଟର ମତଦାନ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗୋସାଣୀନୂଆଗାଁ ୧୩୨ ନଂ. ବୁଥରେ ଇଭିଏମ ମେଶିନ ସିଲ ନକରି ନେବା ସମୟରେ ଭାଜପା କର୍ମୀମାନେ ଅସନ୍ତୋଷ ପ୍ରକାଶ କରି ୧୩୪ ନଂ. ବୁଥ ସମ୍ମୁଖରେ ଅଟକାଇବା ସହ ଇଭିଏମ ମେସିନ ନିଆଯାଉଥିବା ଗାଡି ସମ୍ମୁଖରେ ବସି ରହିଥିଲେ। ଗୋପାଳପୁର ନିର୍ବାଚନ ମଣ୍ଡଳୀର ଚାନ୍ଦପୁର ଗ୍ରାମର ୧୬୧ନଂ ବୁଥରେ ଇଭିଏମ ତ୍ରୁଟି କାରଣରୁ ମତଦାନ ଦୀର୍ଘ ୨ଘଣ୍ଟା ବିଳମ୍ବ ହୋଇଥିଲା। ପରେ ଇଭିଏମ ମେଶିନ ମରାମତି ପରେ ମତଦାନ ଆରମ୍ଭ ହୋଇଥିଲା।

## ସଂକ୍ଷେପରେ

### ଡିଏଭିରେ ଦଶମରେ ପୀୟୂଷ, ଦ୍ୱାଦଶରେ ମୋନିଙ୍ଗି ଟପ୍ପର

ବ୍ରହ୍ମପୁର,୧୩।୫
(ଅଶୋକ କୁମାର ସାହୁ)

ବ୍ରହ୍ମପୁରରେ ଥିବା ଡିଏଭି ପବ୍ଲିକ ସ୍କୁଲରେ ସିବିଏସଇ ଦଶମ ପରୀକ୍ଷାରେ ପିୟୁଷ ସିଂ ୯୮.୪୦ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ୯୮.୨୦ ପ୍ରତିଶତ ମାର୍କ ରଖି ଅଖିତ ଅଭିଳାଷ ଦ୍ୱିତୀୟ ଓ ୯୭.୬୦ ପ୍ରତିଶତ ମାର୍କ ରଖି ମେଦିମି ଆଦିତ୍ୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ସ୍କୁଲରେ ୨୮୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୩୭ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ୧୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୧୨୦ ଛାତ୍ରୀଛାତ୍ର ପାସ କରିଛନ୍ତି। ମୋନିଙ୍ଗି ନିଧି ୯୪.୮୦ ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଛନ୍ତି। ୯୪.୪୦ ମାର୍କ ରଖି ଆୟୁଷ କୁମାର ନାହାକ ଓ ଗୀତାଞ୍ଜଳି ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପ୍ରତିଭା ପ୍ରିୟଦର୍ଶିନୀ ପାଢ଼ୀ ୯୩.୬୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଥିବା କଲେଜ ଅଧ୍ୟକ୍ଷ ଜଣାଇଛନ୍ତି।

# ଗଞ୍ଜାମର ୫ ନିର୍ବାଚନମଣ୍ଡଳୀରେ ମତଦାନ ୫୬ ପ୍ରତିଶତ

ବ୍ରହ୍ମପୁର,୧୩।୫(ଅଶୋକ କୁମାର ସାହୁ): ବ୍ରହ୍ମପୁର ଲୋକସଭା ଅଧୀନ ଗଞ୍ଜାମର ୫ ନିର୍ବାଚନ ମଣ୍ଡଳୀରେ ମତଦାନ ସୋମବାର ସରିଛି। କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ପ୍ରାୟ ସ୍ଥାନରେ ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଚିକିଟି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ମତଦାନ ହୋଇଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ସନ୍ଧ୍ୟା ୫ଟା୧୫ ସୁଦ୍ଧା ୫୪.୬୫ ପ୍ରତିଶତ, ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ୫୬.୬୫ ପ୍ରତିଶତ, ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ୪୭.୯ ପ୍ରତିଶତ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ୫୯.୨ ପ୍ରତିଶତ, ଚିକିଟି ନିର୍ବାଚନ ମଣ୍ଡଳୀରେ ୬୦.୦୪ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି। ଉକ୍ତ ୫ ନିର୍ବାଚନ ମଣ୍ଡଳୀରେ ହାରାହାରି ୫୫.୬୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।

# ପୁରୁଣା ବ୍ରହ୍ମପୁରରେ ଗୋଷ୍ଠୀ ସଂଘର୍ଷ

ବ୍ରହ୍ମପୁର,୧୩।୫ (ସୁବାସ ଚନ୍ଦ୍ର ପାଢ଼ୀ): ବଡବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁରରେ ସୋମବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଛି। ମତଦାନ କେନ୍ଦ୍ର ଅତି ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ପାଣ୍ଡବନଗର ଓ ପୁରୁଣା ବ୍ରହ୍ମପୁର ହରିଜନ ସାହିର କିଛି ବ୍ୟକ୍ତି ମୁହାଁମୁହିଁ ହୋଇଛନ୍ତି । ଉଭୟଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ସହ ସେହି ଅଞ୍ଚଳରେ ଖଣ୍ଡାକାତି ବୁଲିଛି । ଏପରିକି ଖଣ୍ଡା ଚୋଟରେ ଜଣେ ଯୁବକଙ୍କ ଗୋଟିଏ ହାତ ଛିଣ୍ଡି ଯାଇଛି । ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ନାମ ସୁଶାନ୍ତ ଦାସ ବୋଲି ଜଣାପଡିଛି । ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେବା ସହ ଉତ୍ତେଜନା ଲାଗିରହିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଥିବା ପୋଲିସ କହିଛି। ବଡବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ବ୍ରହ୍ମପୁର ସହରରେ ସୋମବାର ଭୋଟ ଗ୍ରହଣ ପରେ ଗଣ୍ଡଗୋଳ ହୋଇଥିବାରୁ ଏହା ପଛରେ କୌଣସି ରାଜନୈତିକ ଶତ୍ରୁତା ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅଞ୍ଚଳରେ ଲାଗିରହିଥିବା ଉତ୍ତେଜନାକୁ ନଜରରେ ରଖି ସେଠାରେ ବ୍ୟାପକ ପୋଲିସ ମୁତୟନ ରହିଛି।

# ଗୋଳନ୍ଥରାରେ ରାଜନୈତିକ ହିଂସା, ୩ ଆହତ

ଗୋପାଳପୁର,୧୩।୫(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ସୋମବାର ରାଜନୈତିକ ହିଂସା ଘଟିଛି। ନିର୍ଦ୍ଦିଷ୍ଟ ଦୁଇ ଦଳ ମଧ୍ୟରେ ହାତାହାତି ହୋଇ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମପୁର ଅଞ୍ଚଳର କେ. ସନ୍ତୋଷ ଦାଶ, କେଦାର କୁମାର ସାହୁ ଓ ବିକି ବେହେରା। ସନ୍ତୋଷ ଓ ତାଙ୍କ ସମର୍ଥକ ପୂର୍ବାହ୍ନରେ ଗୋଳନ୍ଥରା ଆସିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କ ସହିତ ସେମାନଙ୍କ ଯୁକ୍ତିତର୍କ ଓ ପରେ ଠେଲାପେଲା ହୋଇଥିଲା। ପରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। କିଛି ସମୟ ପରେ ସନ୍ତୋଷ, କେଦାର, ବିକି ଓ ଅନ୍ୟମାନେ ଭୈରବୀ ମନ୍ଦିରରେ ଦର୍ଶନ ସାରି ଫେରୁଥିବା ବେଳେ ପୁଣି ସେମାନଙ୍କ ସହିତ ମୁହାଁମୁହିଁ ହେବାରୁ ଅଞ୍ଚଳ ରଣକ୍ଷେତ୍ର ପାଲଟି ଯାଇଥିଲା। ଆହତମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ନଂ. ୨୧୮/୨୪ରେ ମାମଲା ରୁଜୁ କରାଯାଇଛି।

## ପାତ୍ରପୁରର ୪ ବୁଥ୍‌ରେ ଗଣ୍ଡଗୋଳ

ପାତ୍ରପୁର, ୧୩।୫(ଉମାଚରଣ ନେପାକ): ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାତ୍ରପୁର ବ୍ଲକରେ ଭୋଟଦାନ ବେଳେ କାଁ ଭାଁ ଗଣ୍ଡଗୋଳ ଘଟିଥିଲେ ମଧ୍ୟ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ପଦାଦିଗି ୧୫୧ ନଂ ବୁଥ, ପାତ୍ରପୁର ୧୫୮ ଓ ୧୫୯ ନଂ ବୁଥ ଏବଂ କନିରଡ଼ା ଗ୍ରାମର ୩୯ ନଂ ବୁଥରେ ଗଣ୍ଡଗୋଳ ଓ ମାର୍‌ପିଟ ହୋଇଥିବା ଜଣାପଡିଛି। ଏଥିରେ କିଛି ଦଳୀୟ କର୍ମୀ ଆହତ ହୋଇ ଚିକିତ୍ସିତ ହୋଇଛନ୍ତି । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ଆୟତ କରିଥିଲେ। ତେବେ ଅନ୍ୟ ବୁଥଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଥିଲା ।

# କେସି ପବ୍ଲିକ ସ୍କୁଲର ୪ ଟପ୍ପର

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ

ବ୍ରହ୍ମପୁର,୧୩।୫(ଅଶୋକ କୁମାର ସାହୁ): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। କେସି ପବ୍ଲିକ ସ୍କୁଲ ଦଶମରେ ୯୯ ପ୍ରତିଶତ ଛାତ୍ରୀଛାତ୍ର ସଫଳ ହୋଇଥିବାବେଳେ ଦ୍ୱାଦଶରେ ୯୮.୪ ପ୍ରତିଶତ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଦଶମରେ ଭବ୍ୟ ଭାଗ୍ୟଶ୍ରୀ ସାହୁ ୫୦୦ରୁ ୪୮୪ ମାର୍କ ରଖିଥିବାବେଳେ ସେ ୯୬.୮ ପ୍ରତିଶତ ପାଇ ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଚନ୍ଦନା ପ୍ରିୟଦର୍ଶିନୀ ୪୮୩ ମାର୍କ ରଖି ଦ୍ୱିତୀୟ ଓ ପ୍ରାର୍ଥୀ ରାଉତ ଏବଂ ଦିବ୍ୟଜ୍ୟୋତି ତ୍ରିପାଠୀ ଉଭୟ ୪୮୨ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୧୩୨ ପିଲା ପରୀକ୍ଷା ଦେଇଥିବାବେଳେ ୧୨୯ ଜଣ ପାସ କରିଛନ୍ତି। ସ୍ୱରୂପ କୁମାର ସରକାର, ଏ.ରିଚିକି ସରାଫ ଓ ପ୍ରତ୍ୟୟ କୁମାର ଶତପଥୀ ୪୬୧ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ଅଙ୍କିତା ସେଠୀ ୪୫୮ ଓ ଅର୍ପିତା ବାଡତ୍ୟା ୪୫୪ ମାର୍କ ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର ଜଣାଇଛନ୍ତି।

# ଭାଜପା ପ୍ରାର୍ଥୀଙ୍କୁ ଦୁର୍ବ୍ୟବହାର ଭିଡିଓକୁ ନେଇ ଅସନ୍ତୋଷ

ହିଞ୍ଜିଳିକାଟୁ,୧୩।୫(ଦ୍ୱିତୀକୃଷ୍ଣ ପଣ୍ଡା): ଆସିକା ଲୋକ ସଭା ଭାଜପା ପ୍ରାର୍ଥିନୀ ଅନୀତା ଶୁଭଦର୍ଶନୀ ଓ ହିଞ୍ଜିଳି ବିଧାନସଭା ଭାଜପା ପ୍ରାର୍ଥୀ ଶିଶିର ମିଶ୍ର ସୋମବାର ହିଞ୍ଜିଳିକାଟୁ ବ୍ଲକର ପୋଡିଙ୍ଗି ଗ୍ରାମରେ ପ୍ରଚାର କରୁଥିବା ବେଳେ କେତେଜଣ ଯୁବକ ଛାତ ଉପରେ ରହି ବିରୋଧ କରିବା ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାର ଏକ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହି ଘଟଣାରେ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡ଼ିର କେତେଜଣ ଯୁବକ ଓ ଚୋରା ମଦ ବେପାରୀ ନିଜ ଅଞ୍ଚଳରେ ପତିଆରା ହରାଇବା ପରେ ଗୁଣ୍ଡାରାଜ ଚଳାଇଛନ୍ତି ବୋଲି ଭାଜପା ପ୍ରାର୍ଥୀ ମିଶ୍ର କହିଛନ୍ତି। ଏହାର ଜବାବ ଆସନ୍ତା ନିର୍ବାଚନରେ ଜନ ସାଧାରଣ ଦେବେ ବୋଲି ମିଶ୍ର କହିଛନ୍ତି। ଜନସାଧାରଣ ମଧ୍ୟ ଏକ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତିରେ ଗୋଟିଏ ଦଳର ପ୍ରଚାରକୁ ବିରୋଧ କରୁଥିବା ଭିଡିଓ ସୋସିଆଲ ମିଡିଆରେ ପ୍ରଚାର ପରେ ନାପସନ୍ଦ କରିଛନ୍ତି। ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଯୁବକ ମାନଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଭାଜପା ଅସନ୍ତୋଷ ପ୍ରକାଶ କରିଛି।

# ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୩।୫(ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ରେଳବାଇ ଥାନା ପୋଲିସ ସୋମବାର ଜଣେ ମହିଳାଙ୍କ ମୃତଦେହ ଚମାଖଣ୍ଡି–ଛତ୍ରପୁର ରେଳଧାରଣାରୁ ଜବତ କରିଛି। ତାଙ୍କ ପରିଚୟ ମିଳିନାହିଁ। ବୟସ ୪୦ରୁ ୪୫ ହେବ ବୋଲି ପୋଲିସ କହିଛି। ନଂ. ୪୨/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ସ୍ପଷ୍ଟ କରିବା ପାଇଁ ସଂରକ୍ଷଣ ଗୃହରେ ରଖାଯାଇଛି। ଟ୍ରେନ ଆଗକୁ ଆସି ମହିଳା ଜଣଙ୍କ ଆତ୍ମହତ୍ୟା କରିଥିଲେ। ରବିବାର ରାତି ପ୍ରାୟ ୧ଟାରେ ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ସୋମବାର ସକାଳେ ସ୍ଥାନୀୟ ପୋଲିସ ଓ ଲୋକଙ୍କ ସହାୟତାରେ ମୃତଦେହ ଚିହ୍ନଟ ପାଇଁ ପ୍ରୟାସ କରୁଛି।

# ଛାତ୍ରଙ୍କ ମୋବାଇଲ ଝାମ୍ପିନେଲେ

ବ୍ରହ୍ମପୁର,୧୩।୫( ସୁବାସ ଚନ୍ଦ୍ର ପାଢ଼ୀ): ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ କଲେଜ ପଡ଼ିଆରେ କେତେଜଣ ଦୁର୍ବୃତ୍ତ ଛାତ୍ରଙ୍କ ମୋବାଇଲ ନେଇ ଝାମ୍ପିନେଇଛନ୍ତି। ଏନେଇ ଥାନାରେ ସୁନୀଲ ପାତ୍ର ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୬୪/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରବିବାର ସନ୍ଧ୍ୟାରେ ଚିନ୍ମୟ ପାତ୍ର ଉକ୍ତ ଖେଳ ପଡିଆ ନିକଟରେ ଥିବା ଦେନା ବ୍ୟାଙ୍କ ସମ୍ମୁଖରେ ତାଙ୍କ ସାଙ୍ଗ ସହ ମୋବାଇନ ଫୋନରେ କଥାବାର୍ତ୍ତା ହେଉଥିଲେ। ୨ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଧକ୍କା ମାରି ମୋବାଇଲକୁ ଝାମ୍ପି ନେଇଯାଇଥିଲେ। ପୋଲିସ ଲୁଟେରାଙ୍କ ପିଛା କରିଥିଲେ ମଧ୍ୟ ତାଙ୍କୁ ଧରିପାରିନଥିଲେ। ସେ ଘରକୁ ଫେରି ତାଙ୍କ ବାପାଙ୍କୁ ଏନେଇ ଜଣାଇଥିଲେ। ପରେ ସୁନୀଲଙ୍କ ଅଭିଯୋଗ ଅନୁସାରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# 'ପସନ୍ଦ ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ'

ବ୍ରହ୍ମପୁର,୧୩।୫(ସ୍ମୃତି ରଞ୍ଜନ ମହାଳିକ)

ବ୍ରହ୍ମପୁର ଲୋକ ସଭା ଓ ଏହା ଅଧୀନ ବିଧାନସଭା ଆସନ ପାଇଁ ସୋମବାର ମତଦାନ ଶେଷ ହୋଇଛି। ବ୍ରହ୍ମପୁର ସହରରେ ୧୭୪ ବୁଥରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସରିଥିଲା। ମତଦାନ କେନ୍ଦ୍ରରେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମତଦାତାଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସେପଟେ ପ୍ରାର୍ଥୀଙ୍କ ପକ୍ଷରୁ ଭୋଟରଙ୍କୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଭୋଟର ନିଜ ସୁବିଧାରେ ପୋଲିଂ ବୁଥକୁ ଆସିଥିଲେ। ପ୍ରଥମ ଥର ମତଦାନ କରିଥିବା ଭୋଟରମାନେ ଉତ୍ସାହିତ ହେବା ସହ ଖୁସି ପ୍ରକାଶ କରି ଭିନ୍ନ ଭିନ୍ନ ମତ ଦେଇଛନ୍ତି।

## ନୂତନ ଭୋଟର କୁହନ୍ତି...



"ପ୍ରଥର ଥର ଭୋଟ ଦେବା ପାଇଁ ଆସିଥିବାରୁ ଖୁସି ଅନୁଭବ କରୁଛି। ଭୋଟ କିଭଳି ଦିଆଯାଏ ତାହା ଜାଣି ନାହିଁ। ଭୋଟ ଦେବା ସମସ୍ତଙ୍କ ଅଧିକାର। ଠିକ ପ୍ରାର୍ଥୀଙ୍କୁ ଭୋଟ ଦେଇଛି। ସମସ୍ତେ ଭୋଟ ଦେଇ ନିଜର ଅଧିକାର ସାବ୍ୟସ୍ତ କରନ୍ତୁ।

**–କେ ରୂପଶୀ, ପ୍ରେମନଗର**



"ଭୋଟ ସମସ୍ତେ ଦେଉଛନ୍ତି। କିନ୍ତୁ ଉଚିତ ପ୍ରାର୍ଥୀ ଦେଖି ଭୋଟ ଦିଅନ୍ତୁ। ଯାହାଦ୍ୱାରା ସହରର ଉନ୍ନତୀ ହେବ। ପ୍ରଥମ ଥର ଭୋଟ ଦେବାକୁ ଆସିଥିବାରୁ ମୁଁ ବହୁତ ଖୁସି।

**– ଅର୍ପିସ ସାହୁ, ପୁରୁଣା ବସଷ୍ଟାଣ୍ଡ**



"ପ୍ରଥମ ଥର ଭୋଟ ଦେବାକୁ ଆସିଥିଲି। ଯାହାକୁ ଭୋଟ ଦେଲି ସେହି ପ୍ରାର୍ଥୀ ବିଜୟୀ ହେବା ପାଇଁ ଆଶା ରଖିଛି। ସେ ଜିତିଷଲ ଖୁସି ଅନୁଭବ କରିବି। ମତଦାନ କେନ୍ଦ୍ରରେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ସମସ୍ତେ ଭୋଟ ଦେଇ ଉଚିତ ପ୍ରାର୍ଥୀଙ୍କୁ ବାଛନ୍ତୁ।

**–ପି କୀର୍ତ୍ତି, ପ୍ରେମନଗର**



"ପ୍ରଥମ ଥର ଭୋଟ ଦେଇ ଖୁସି ଅନୁଭବ କରୁଛି। ଜଣେ ଭାରତୀୟ ନାଗରିକ ଦୃଷ୍ଟିରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଭୋଟ ଦେବା ଅଧିକାର ରହିଛି। ମୁଁ ବି ଆଜି ସେ ଅଧିକାର ସାବ୍ୟସ୍ତ କରିଛି। ଜଣେ ଉଚିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛି। ଯିଏ କି ଆମ ଅସୁବିଧା ସମୟରେ ସାହାଯ୍ୟ ସହଯୋଗ କରିବେ। ଏଭଳି ଭାବେ ଅନ୍ୟ ଯୁବ ପିଢିମାନେ ଭୋଟ ଦେଇ ନିଜର ଅଧିକାର ସାବ୍ୟସ୍ତ କରନ୍ତୁ।

**–କସ୍ତୁରୀ ଦାସ, ଲାଞ୍ଜିପଲ୍ଲୀ**



"ଏହା ମୋର ପ୍ରଥମ ଭୋଟିଂ। ଭୋଟ ଦେଇ ଖୁସି ଲାଗିଲା। ଉଚିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛି। ଯିଏ ଦେଶ ପ୍ରଗତିରେ ସହାୟକ ହେବେ ତାଙ୍କୁ ହିଁ ଭୋଟ ଦେବା ଉଚିତ।

**–କୃଷ୍ଣ ଚରଣ ସାହୁ, ଗଜପତି ନଗର**


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/24-25/E-Tender/08 ତା.07.05.2024ରିଖ

1) ଟେଣ୍ଡର ସଂ. etenderestatekur-31-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧୀନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର (କାରଖାନା) ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 123.57 ଲକ୍ଷ, EMD (₹) : 2,11,800.00 ।

2) ଟେଣ୍ଡର ସଂ. etenderestatekur-32-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ ମଞ୍ଚେଶ୍ୱରଙ୍କ ଅଧୀନରେ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର କଲୋନୀ (କାରଖାନାକୁ ଛାଡ଼ି) ସହିତ ସେଣ୍ଟ୍ରାଲ୍ ହସ୍ପିଟାଲ ସେକ୍ସନରେ 30.06.2024 ସମୟସୀମା ପାଇଁ ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 139.21 ଲକ୍ଷ, EMD (₹) : 2,19,600.00 ।

3) ଟେଣ୍ଡର ସଂ. etenderestatekur-33-2024, ତା.01.05.2024ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଇଷ୍ଟେଟ୍)/ ଭୁବନେଶ୍ୱରଙ୍କ ଅଧିକାର କ୍ଷେତ୍ର ଅଧୀନରେ ମଞ୍ଚେଶ୍ୱର କଲୋନୀରେ ବିଦ୍ୟମାନ ଉଦ୍ୟାନ କୃଷି କାର୍ଯ୍ୟର ରକ୍ଷଣାବେକ୍ଷଣ, ବିସ୍ତାର ଏବଂ ପରିବର୍ତ୍ତନ ପାଇଁ ମୂଲ୍ୟ ଟ.5,00,000/- (5 ଲକ୍ଷ) କିମ୍ବା ତା'ଠାରୁ କମ୍‌ରେ ଆଞ୍ଚଳିକ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 52.32 ଲକ୍ଷ, EMD (₹) : 1,04,700.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.22.05.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-110/P/24-25

